## 2011-12 ଆର୍ଥିକ ବର୍ଷ ନିମନ୍ତେ ରାଜ୍ୟ ବିଦ୍ୟୁତ ପ୍ରେରଣ କେନ୍ଦ୍ର (ଏସ୍ଏଲଡିସି) ସକାଶେ ବାର୍ଷିକ ରାଜସ୍ୱ ଆବଶ୍ୟକତା ଓ ଫିସ୍ ଓ ଦେୟର ମୁଖ୍ୟ ବୈଶିଷ୍ଟ୍ୟ (କେସ୍ ନଂ.150/2010 ତା.18.3.2011)

1. 2011-12 ଆର୍ଥିକବର୍ଷ ମଧ୍ୟରେ ଏସ୍ଏଲଡିସି ସକାଶେ ବର୍ଷ ପିଛା 880.31 ଲକ୍ଷ ଟଙ୍କା ଓ ମାସପିଛା 73.36 ଟଙ୍କା ହାରରେ ବାର୍ଷିକ ଦେୟ ଆୟୋଗଙ୍କ ଦ୍ୱାରା ଅନୁମୋଦନ କରାଯାଇଛି ଯାହାକି ଆସନ୍ତାବର୍ଷ ମଧ୍ୟରେ ଯେଉଁମାନେ ଆନ୍ତଃ-ରାଜ୍ୟ ସରବରାହ ନେଟ୍ୱାର୍କ ବ୍ୟବହାର ବା ତତ୍ ଆନୁସଙ୍ଗିକ ସୁବିଧା ତଥା ଏସ୍ଏଲଡିସିର ସେବା ଉପଯୋଗ କରୁଥିବେ ସେମାନଙ୍କଠାରୁ ଅସୁଲ କରାଯିବ ।

2. 2011-12 ଆର୍ଥିକବର୍ଷ ନିମନ୍ତେ ଆୟୋଗଙ୍କ ଦ୍ୱାରା ଅନୁମୋଦିତ ଏସ୍ଏଲଡିସିର ବାର୍ଷିକ ରାଜସ୍ୱ ଆବଶ୍ୟକତା ସଂପର୍କିତ ବିସ୍ତୃତ ବିବରଣୀ ନିମ୍ନରେ ଦର୍ଶାଯାଇଛି :-

### 2011-12 ଆର୍ଥିକ ବର୍ଷ ନିମନ୍ତେ ଏସଏଲଡିସିର ବାର୍ଷିକ ରାଜସ୍ୱ ଆବଶ୍ୟକତା ସମ୍ପର୍କିତ ବିବରଣୀ

(ଲକ୍ଷ ଟଙ୍କାରେ)

| କ୍ର.ସଂ. | ବିଷୟ | **2010-11** ଆର୍ଥିକ ବର୍ଷ ନିମନ୍ତେ ଅନୁମୋଦନ | **2011-12** ଆର୍ଥିକ ବର୍ଷ ଲାଗି ଏସଏଲଡିସି ସକାଶେ ପ୍ରସ୍ତାବିତ | **2011-12** ଆର୍ଥିକ ବର୍ଷ ଲାଗି ଓଇଆରସି ଦ୍ୱାରା ଅନୁମୋଦିତ |
|---|---|---|---|---|
| 1 | କ୍ଷତି ପୂରଣ ସମେତ କର୍ମଚାରୀମାନଙ୍କ ବାବଦବ୍ୟୟ | 364.92 | 611.572 | 445.63 |
| 2 | 2010-11 ଆର୍ଥିକ ବର୍ଷ ମଧ୍ୟରେ ଅନ୍ତଃରାଜ୍ୟ ଏବିଟିର କାର୍ଯ୍ୟାନ୍ୱୟନ ଲାଗି ଅତିରିକ୍ତ କ୍ଷତିପୂରଣ | 85 | ---- | 85.00 |
| 3 | ଆର୍ ଆଣ୍ଡ ଏମ୍ ବାବଦ ବ୍ୟୟ | 201.80 | 231.700 | 231.70 |
| 4 | ଏ ଆଣ୍ଡ ଜି ବ୍ୟୟ (ଏସଏଲଡିସି କର୍ମଚାରୀବର୍ଗଙ୍କର ପ୍ରମାଣୀକରଣ ସମେତ) | 75.00 | 192.610 | 75.00 |
| 5 | ଅବମୂଲ୍ୟାୟନ | 27.80 | 312.036 | 17.54 |
| 6 | ଋଣ ଉପରେ ସୁଧ | 0.00 | 0.00 | 0.00 |
| 7 | କାମଚଳା ପୁଞ୍ଜି ବାବଦ ସୁଧ | 22.33 | 37.270 | 25.44 |
| 8 | ସମାନତା ଉପରେ ରିଟର୍ଣ୍ଣ | 0 | 0.00 | 0.00 |
| 9 | ସଂରକ୍ଷିତ ଆକସ୍ମିକ ବ୍ୟୟ | 0 | 0.00 | 0.00 |
| | ମୋଟ | **776.85** | **1385.188** | **880.31** |

3. ସିଇଆରସି (ଆରଏଲ୍ଡିସିର ଫିସ୍ ଓ ଦେୟ ତଥା ତତ୍ ସଂପର୍କିତ ଅନ୍ୟାନ୍ୟ ବିଷୟ) ରେଗୁଲେସନ, 2009ର ରେଗୁଲେସନ 20,21, 22 ଓ 23 ଏବଂ ଓଇଆରସି (ଏସ୍ଏଲଡିସିର ଫିସ୍ ଓ ଦେୟ ତଥା ତତ୍ସଂପର୍କିତ

ଅନ୍ୟାନ୍ୟ ବିଷୟ) ରେଗୁଲେସନ୍, 2010ର ରେଗୁଲେସନ 18,19,20 ଓ 21ରେ ବ୍ୟବସ୍ଥା ଅନୁଯାୟୀ ଏଲଏଲ୍‌ଡିସିର ବାର୍ଷିକ ଦେୟରେ  ନିମ୍ନରେ ଦର୍ଶାଯାଇଥିବା ଦେୟ ଅନ୍ତର୍ଭୁକ୍ତ ବୋଲି ବିନିର୍ଦ୍ଦିଷ୍ଟ କରାଯାଇଛି :-

(କ) ସିଷ୍ଟମ ଅପରେସନ ଦେୟ (ଏସ୍‌ଓସି)ତାହା ବାର୍ଷିକ ଦେୟରେ ଶତକଡା 80 ଭାଗ।

(ଖ) ମାର୍କେଟ ଅପରେସନ ଦେୟ (ଏମ୍‌ଓସି) ତାହା ବାର୍ଷିକ ଦେୟରେ ଶତକଡା 20 ଭାଗ।

(କ) ନିମ୍ନୋକ୍ତ ଅନୁପାତରେ ବିଦ୍ୟୁତ ବ୍ୟବହାରକାରୀମାନଙ୍କଠାରୁ ସିଷ୍ଟମ ଅପରେସନ ଦେୟ (ଏସ୍‌ଓସି) ଅସୁଲ କରାଯିବ : -

- ➢ ଆନ୍ତଃ-ରାଜ୍ୟ ବିଦ୍ୟୁତ ସରବରାହ ଲାଇସେନ୍‌ସ ପ୍ରାପ୍ତ ବ୍ୟକ୍ତି – ସିକେଟି – କେଏମ୍‌ଏସ୍‌କୁ ଭିତ୍ତିକରି ଏସ୍‌ଓସର ଶତକଡା 10 ଭାଗ।
- ➢ ଉତ୍ପାଦନକାରୀ କମ୍ପାନି ଓ ବିକ୍ରେତା – ସଂସ୍ଥାପିତ ସାମର୍ଥ୍ୟ ବା ଚୁକ୍ତିଭିତ୍ତିକ ସାମର୍ଥ୍ୟକୁ ଭିତ୍ତିକରି ଏସ୍‌ଓସିର ଶତକଡା 45 ଭାଗ
- ➢ ବଣ୍ଟନ ଲାଇସେନ୍‌ସ ପ୍ରାପ୍ତ ବ୍ୟକ୍ତି ଓ କ୍ରେତା – ସେମାନଙ୍କୁ ଆବଣ୍ଟିତ ତଥା ଚୁକ୍ତିଭିତ୍ତିକ ପରିମାଣ ଅନୁପାତରେ ଏସ୍‌ଓସିର ଶତକଡା 45 ଭାଗ

(ଖ) ମାର୍କେଟ ଅପରେସନ ଦେୟ (ଏମ୍‌ଓସି), ସଂସ୍ଥାପିତ ସାମର୍ଥ୍ୟ/ଚୁକ୍ତିଭିତ୍ତିକ ସାମର୍ଥ୍ୟ ଅନୁପାତରେ ହକ୍‌ଦାର ହେଉଥିବା ମତେ ଡିସ୍‌କମସ୍ ଓ ଉତ୍ପାଦନକାରୀ କମ୍ପାନୀଗୁଡିକଠାରୁ ସମାନଭାବରେ ଅସୁଲ କରାଯିବ।

4. ସୁତରାଂ ଆୟୋଗ, 2011-12ର ଆର୍ଥିକ ବର୍ଷ ନିମନ୍ତେ ଏସ୍‌ଏଲ୍‌ଡିସିର କାର୍ଯ୍ୟକାରିତା ସଂକ୍ରାନ୍ତରେ ବାର୍ଷିକଦେୟ (ଏସି) ବର୍ଷପିଛା ଟ880.31 ଲକ୍ଷ ଟଙ୍କାରେ ତଥା ମାସପିଛା ଟ73.36 ଲକ୍ଷ ଟଙ୍କାରେ ଯାହାକି ନିମ୍ନମତେ ଏସ୍‌ଓସି ଓ ଏମ୍‌ଓସି ମାଧ୍ୟମରେ ଅସୁଲ କରାଯିବ ବୋଲି ନିର୍ଦ୍ଦେଶ ଦେଇଛନ୍ତି :

– ସିଷ୍ଟମ ଅପରେସନ ଦେୟ (ଏସ୍‌ଓସି) ଏସିର ଶତକଡା 80 ଭାଗ - ବର୍ଷପିଛା 704.25 ଲକ୍ଷ ଟଙ୍କା
ବା ମାସପିଛା 58.69 ଲକ୍ଷ ଟଙ୍କା

– ମାର୍କେଟ ଅପରେସନ ଦେୟ (ଏମ୍‌ଓସି) ଏସିର ଶତକଡା 20 ଭାଗ – ବର୍ଷପିଛା 176.06 ଲକ୍ଷ ଟଙ୍କା
ବା ମାସପିଛା 14.67 ଲକ୍ଷ ଟଙ୍କା

5. ବର୍ଷପିଛା ଟ704.25 ଲକ୍ଷ ଟଙ୍କାର ବା ମାସ ପିଛା 58.69 ଲକ୍ଷ ଟଙ୍କାର ସିଷ୍ଟମ ଅପରେସନ ଦେୟ (ଏସ୍ଓସି) ନିମ୍ନରେ ଦର୍ଶାଯାଇଥିବାମତେ ମଧସ୍ଥିମାନଙ୍କ (ଷ୍ଟେକ୍ ହୋଲ୍ଡରସ୍)ଠାରୁ ଅସୁଲ କରିବା ନିମନ୍ତେ ଭାଗ କରାଯିବ ।

– ଆନ୍ତଃରାଜ୍ୟ ସରବରାହ ଲାଇସେନ୍ସ ପ୍ରାପ୍ତବ୍ୟକ୍ତି ଏ୍ସଓସିର ଶତକଡା 10 ଭାଗ - ବର୍ଷପିଛା 70.42 ଲକ୍ଷଟଙ୍କା ବା ମାସପିଛା 5.87 ଲକ୍ଷ ଟଙ୍କା

– ଜେନେରେଟିଙ୍ଗ ଷ୍ଟେସନ ଓ ବିକ୍ରେତା ଏ୍ସଓସିର ଶତକଡା 45 ଭାଗ ହାରରେ - ବର୍ଷପିଛା 316.91 ଲକ୍ଷଟଙ୍କା ବା ମାସପିଛା 26.41 ଲକ୍ଷ ଟଙ୍କା

– ଡିସ୍କମସ୍ ଓ କ୍ରେତା ଏ୍ସଓସିର ଶତକଡା 45 ଭାଗ ହାରରେ - ବର୍ଷପିଛା 316.91 ଲକ୍ଷଟଙ୍କା ବା ମାସପିଛା 26.41 ଲକ୍ଷ ଟଙ୍କା

6. ବର୍ଷପିଛା 176.06 ଲକ୍ଷ ଟଙ୍କାର ବା ମାସପିଛା ଟ14.47 ଲକ୍ଷ ଟଙ୍କାର ମାର୍କେଟ ଅପରେସନ ଦେୟ (ଏମ୍ସଓସି) ନିମ୍ନରେ ଦର୍ଶାଯାଇଥିବା ମତେ ମଧସ୍ଥିମାନଙ୍କ (ଷ୍ଟେକ୍ ହୋଲଡରସ୍) ଠାରୁ ଅସୁଲ କରିବା ସକାଶେ ଭାଗ କରାଯିବ :

– ଜେନେରେଟିଙ୍ଗ୍ ଷ୍ଟେସ୍ନ ଓ ବିକ୍ରେତା ଏମ୍ଓସିର ଶତକଡା 50 ଭାଗ ହାରରେ - ବର୍ଷପିଛା 88.03 ଲକ୍ଷଟଙ୍କା ବା ମାସପିଛା 7.34 ଲକ୍ଷ ଟଙ୍କା

– ଡିସ୍କମ୍ସ୍ ଓ କ୍ରେତା ଏମ୍ଓସିର ଶତକଡା 50 ଭାଗ ହାରରେ - ବର୍ଷପିଛା 88.03 ଲକ୍ଷଟଙ୍କା ବା ମାସପିଛା 7.34 ଲକ୍ଷ ଟଙ୍କା

7. ଆୟୋଗଙ୍କ ଦ୍ୱାରା ଅନୁମୋଦିତ ବିଭିନ୍ନ ମଧସ୍ଥି (ଷ୍ଟେକ୍ହୋଲଡରସ୍) ମାନଙ୍କଠାରୁ ଅସୁଲପାଇଁ 2011-12 ଆର୍ଥିକ ବର୍ଷନିମନ୍ତେ ଏସ୍ଏଲଡିସି ଲାଗି ବାର୍ଷିକ ରାଜସ୍ୱ ଆବଶ୍ୟକତା (ଏଆର୍ଆର୍) ଓ ବାର୍ଷିକ ତଥା ମାସିକ ଦେୟ ସଂପର୍କିତ ବିସ୍ତୃତ ବିବରଣୀ ନିମ୍ନ ଟେବୁଲରେ ଦର୍ଶାଯାଇଛି :-

| କ୍ର. ସଂ. | ବିସ୍ତୃତ ବିବରଣୀ | ୟୁନିଟ୍ | **2011-12** ନିମନ୍ତେ ଅନୁମୋଦିତ | |
|---|---|---|---|---|
| | | | ବର୍ଷ ପିଛା | ମାସ ପିଛା |
| 1 | ଏସଏଲଡିସିର ବାର୍ଷିକ ରାଜସ୍ୱ ଆବଶ୍ୟକତା | ଟ. ଲକ୍ଷ | 880.31 | 73.36 |
| 2 | ଏସଏଲଡିସିକୁ ଏସଓସି ପ୍ରଦାନ କରିବାକୁ ଆନ୍ତଃରାଜ୍ୟ ବିଦ୍ୟୁତ ସରବରାହ ଲାଇସେନ୍ସପ୍ରାପ୍ତ ବ୍ୟକ୍ତି | ଟ. ଲକ୍ଷ | 70.42 | 5.87 |
| 3 | ଏସଏଲଡିସିକୁ ଏସଓସି ଓ ଏମ୍ଓସି ପ୍ରଦାନ କରିବାକୁ ଜେନେରେଟିଂ ଷ୍ଟେସନ ଓ ବିକ୍ରେତା (4660.50 ମେଗାୱାଟର ଉତ୍ପାଦନ ସାମର୍ଥ୍ୟକୁ ବିଚାରକୁ ନିଆଯାଇ ଟଙ୍କା ପ୍ରତି ମେଗାୱାଟ) ହିସାବ କରାଯାଇଛି | ଟ. ଲକ୍ଷ | 404.94 (ମେଗାୱାଟ ପିଛା 8688.81 ଟଙ୍କା) | 33.75 (ମେଗାୱାଟ ପିଛା 724.07 ଟଙ୍କା) |
| 4 | ଏସଏଲଡିସିକୁ ଏସ୍ଓସି ଓ ଏମ୍ଓସି ପ୍ରଦାନ କରିବା ସକାଶେ ବିଦ୍ୟୁତ ଶକ୍ତି ବିତରଣ ଲାଇସେନ୍ସ ପ୍ରାପ୍ତ ବ୍ୟକ୍ତି ଓ କ୍ରେତା | ଟ. ଲକ୍ଷ | 404.94 | 33.75 |

| | | | | | |
|---|---|---|---|---|---|
| | (i) | ସେସୁ | ଟ. ଲକ୍ଷ | 140.36 | 11.70 |
| | (ii) | ନେସ୍କୋ | | 95.90 | 7.99 |
| | (iii) | ୱେସ୍କୋ | | 119.44 | 9.95 |
| | (iv) | ସାଉଥ୍‌କୋ | | 49.24 | 4.10 |

8. 2011-12 ଆର୍ଥିକ ବର୍ଷ ମଧ୍ୟରେ ଦରଖାସ୍ତ ଫିସ୍ ଓ ଦରଖାସ୍ତ ପିଛା ଟ5000/- ସିଡୁଲିଙ୍ଗ ଚାର୍ଜ ଏବଂ ସ୍ୱଳ୍ପ ମିଆଦପାଇଁ ଖୋଲୁଥିବା ଗ୍ରାହକମାନଙ୍କ ଦ୍ୱାରା ଦିନ ପିଛା ବା ତହିଁରେ କୌଣସି ଅଂଶ ପାଇଁ ଟ2000/- ଏ୍ସଏଲଡିସିକୁ ଦେବାକୁ ହେବ ।

9. ଆନ୍ତଃରାଜ୍ୟ ବିଦ୍ୟୁତ ସରବରାହ ପଦ୍ଧତି ଓ ତତ୍‌ସଂପର୍କିତ ସେବାର ଉପଯୋଗ ପାଇଁ ଏସଏଲଡିସି ସମସ୍ତ ଉପଯୋଗକାରୀଙ୍କଠାରୁ ଏକା ଥରକେ ଟ1.00 ଲକ୍ଷ ଟଙ୍କା ରେଜିଷ୍ଟ୍ରିକରଣ ଫିସ୍ ଆଦାୟ କରିବେ ।

10. ଏସ୍‌ଏଲ୍‌ଡିସି ଦ୍ୱାରା ଗ୍ରାହକମାନଙ୍କୁ ସମୟକୁ ସମୟ ଦିଆଯାଉଥିବା ବିଲ୍‌କୁ ଆଧାରକରି ବିଦ୍ୟୁତ ଗ୍ରାହକମାନେ ଏଲଏଲଡିସିର ଏସଓସି ଓ ଏମଓସି ବାବଦ ଦେୟ ପ୍ରତି ମାସରେ ଦେବେ ।

11. ଗ୍ରୀଡକୋର ଗ୍ରହଣଯୋଗ୍ୟ ବିଦ୍ୟୁତ ଉପରେ ଫାଷ୍ଟ ଚାର୍ଜକୁ ଭିତ୍ତିକରି ଏସଏଲଡିସିକୁ ସିଧାସଳଖଭାବେ ପ୍ରଦେୟ ମାସିକ ଏମଓସି ଓ ଏସ୍‌ଓସି ଦେୟବାବଦରେ ଏସଏଲଡିସି ସମସ୍ତ ଡିସକମ୍‌ର ବିଲ କରିବା ଉଚିତ ଓ ତାହାର ଏକ ନକଲ ଗ୍ରୀଡକୋ ନେବା ଆବଶ୍ୟକ ।

12. ଡିସ୍‌କମ୍‌ମାନଙ୍କ ଭିନ୍ନ ଅନ୍ୟ ବିଦ୍ୟୁତଗ୍ରାହକମାନେ ଏସଏଲଡିସି ଦ୍ୱାରା ସମୟକୁ ସମୟ ସେମାନଙ୍କ ପାଖକୁ ପଠାଯାଉଥିବା ବିଲ୍‌ଗୁଡିକୁ ଭିତ୍ତିକରି ବାର୍ଷିକ ଦେୟ ସିଧାସଳଖଭାବେ ଏସଏଲଡିସିକୁ ପ୍ରଦାନ କରିବେ ।

13. ଡିସ୍‌କମ୍‌ମାନଙ୍କ ଭିନ୍ନ ଅନ୍ୟ ବିଦ୍ୟୁତ ଗ୍ରାହକମାନେ ଏସଏଲଡିସିର ଏସଓସି ଓ ଏମଓସି ଦେୟ ପ୍ରଦାନ ଖିଲାପ କରିଥିବା ଯୋଗୁଁ ପ୍ରତିଭୂତି (ସିକ୍ୟୁରିଟି) ରୂପେ ଅଗ୍ରିମ ଆକାରରେ ଯଥାସ୍ଥିତି, ଦୁଇମାସର ବା ମାସକର ଏସଓସି ଓ ଏମଓସି ଦେୟର ସମ ପରିମାଣର ଅର୍ଥ ପ୍ରଦାନ କରିବେ ।

14. ଆୟୋଗ ନିର୍ଦ୍ଦେଶ ଦେଇଛନ୍ତି ଯେ ତା31.3.2011ରିଖ ସୁଦ୍ଧା ବ୍ୟୟ ନ ହୋଇ ବଳକାଥିବା ଏସ୍‌ଏଲ୍‌ଡିସିର ଅର୍ଥପରିମାଣକୁ ଅନ୍ତରଣ କରାଯିବ ଓ ତାହାକୁ ଏସ୍‌ଏଲଡିସିର ଉନ୍ନୟନ ପାଣ୍ଠିରେ ଜମା କରାଯିବ ।